# ଦୁଇ ଦୁର୍ଘଟଣାରେ ଗଲା ୫ ଜୀବନ

**ଅନୁଗୁଳ, ଆଠମଲ୍ଲିକ, ନୟାଗଡ଼, ଭାପୁର, ୧୨।୨/ଏନ୍‌ଏନ୍‌ଏସ୍:**

ଅନୁଗୁଳ ଓ ନୟାଗଡ଼ ଜିଲ୍ଲାରେ ଘଟିଥିବା ୨ଟି ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଅନୁଗୁଳ ଜିଲ୍ଲା ଠାକୁରଗଡ଼ ଥାନା ଅନ୍ତର୍ଗତ ଆଠମଲ୍ଲିକ-ବଇଣ୍ଡା ରାସ୍ତାର ପଟାପଥର ଗାଁ ପାଖରେ ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପେଡ଼ିପଥର ଗ୍ରାମର କାଠିଆ ଦଳେଇ (୨୪), ପରମାନନ୍ଦ ଦଳେଇ(୨୬) ଓ ସିନ୍ଦୁରଖୋଳ ଗ୍ରାମର ରଜତ ରାଉତ(୨୪)। ଏକ ବାଇକ୍‌ରେ ଉପରୋକ୍ତ ୩ ଜଣ ସାନହୁଲାରୁ ପେଡ଼ିପଥର ଫେରୁଥିବା ସମୟରେ ସେମାନଙ୍କ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ସେମାନେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ରାସ୍ତାକଡ଼ରେ ଥିବା ପଥରରେ ମାଡ଼ ହେବା ଫଳରେ ସମସ୍ତ ୩ଜଣ ଗୁରୁତର ଆହତ ହୋଇଥିଲେ ଓ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଦୁର୍ଘଟଣା ପରେ ଆଜି ସ୍ଥାନୀୟ ଅଞ୍ଚଳର ଉତ୍ତ୍ୟକ୍ତ ଲୋକେ ପାଞ୍ଚ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ।

ସେହିଭଳି ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ୍ ଅନ୍ତର୍ଗତ ଧଳାବନ୍ଧ ଗ୍ରାମର କାଚରାସାହି ବାସେଳିଆ ପୋଖରି ନିକଟରେ ଖଣ୍ଡପଡ଼ା-ଭାପୁର ରାସ୍ତାରେ ଆଜି ଏକ ଆଳୁ ବୋଝେଇ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୨ ଜଣଙ୍କର ମୃତ୍ୟୁ ଘଟିଛି।

►► ୭